ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭୁବନେଶ୍ୱର

# ବାରମ୍ବାର ପଚରା ଯାଉଥିବା ପ୍ରଶ୍ନାବଳୀ

# ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬

unicef
for every child

**ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହ**
**ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬**

**ପ୍ରକାଶକ :**
ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ
ଭୁବନେଶ୍ୱର

**ସହାୟତା :**
ୟୁନିସେଫ୍, ଓଡ଼ିଶା

**ପ୍ରକାଶନ ସମୟ :**
ଡିସେମ୍ବର, ୨୦୧୭

ବି.ଦ୍ର : ଏହି ପୁସ୍ତିକାଟି କେବଳ ଜନ ସଚେତନତା ଉଦ୍ଦେଶ୍ୟରେ ପ୍ରକାଶିତ ଓ ବିତରଣ କରାଯାଉଛି । ଆଇନଗତ ଆବଶ୍ୟକତା ପାଇଁ ମୂଳ ଆଇନ ଓ ନୀୟମାବଳୀକୁ ଅନୁସରଣ କରନ୍ତୁ ।



କସ୍ତୁରୀ ମହାପାତ୍ର
ଅଧ୍ୟକ୍ଷା
ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

## ଅଧ୍ୟକ୍ଷାଙ୍କ କଲମରୁ...

ଶିଶୁମାନଙ୍କର ସୁରକ୍ଷିତ ବିକାଶ ନିମନ୍ତେ ଭାରତ ସରକାର ବିଭିନ୍ନ ଆଇନ୍ ପ୍ରଣୟନ କରିଛନ୍ତି । ମାତ୍ର ସଚେତନତା ଅଭାବରୁ ସେଗୁଡ଼ିକର କାର୍ଯ୍ୟକାରୀତା ସମ୍ବନ୍ଧରେ ଜନସାଧାରଣ ଅବଗତ ହେଇପାରୁ ନାହାନ୍ତି । ତେଣୁ ଉଦ୍ଦେଶ୍ୟ ସାଧିତ ହେଉନାହିଁ । ଏହାର ନୀରାକରଣ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଦ୍ୱାରା ‘‘ବାରମ୍ବାର ପଚରାଯାଉଥିବା ପ୍ରଶ୍ନାବଳୀ’’ର ଉତ୍ତର ସହଜ ଓଡ଼ିଆ ଭାଷାରେ ପୁସ୍ତିକା ୟୁନିସେଫ୍ ସହାୟତାରେ ପ୍ରକାଶ କରାଯାଇଛି । ଏହା ଶିଶୁ ସୁରକ୍ଷା କ୍ଷେତ୍ରରେ ଥିବା ବହୁ ପ୍ରତିକ୍ଷିତ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ । ପୁସ୍ତିକାଗୁଡ଼ିକ ଅଧିକ ଉପଯୋଗୀ ଏବଂ ବ୍ୟବହାର କ୍ଷମ କରିବା ପାଇଁ ଆପଣମାନଙ୍କର ସୁଚିନ୍ତିତ ମତାମତ ଓ ଉପଦେଶ ସ୍ୱାଗତ କରୁଛି ।

(କସ୍ତୁରୀ ମହାପାତ୍ର)

# ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬

## ପ୍ରାକ୍ କଥନ

ଦୀର୍ଘ ଅତୀତରୁ ବାଲ୍ୟ ବିବାହ ଭାରତ ବର୍ଷରେ ଏକ ସମସ୍ୟା ରୂପେ ଉଭା ହୋଇଅଛି । କାରଣ ଭାରତ ବର୍ଷର ପରମ୍ପରା, ସଂସ୍କୃତି ଏବଂ ଧାର୍ମିକ ବିଶ୍ୱାସ ମଧ୍ୟରେ ଏ ପ୍ରସଙ୍ଗ ଅସ୍ଥି ମଜ୍ଜାଗତ । ଏ ଯୁଦ୍ଧକୁ ଲଢିବା ବାସ୍ତବରେ ଏକ ଦୁରୂହ ବ୍ୟାପାର । ବାଲ୍ୟ ବିବାହ, ଯୌତୁକ ଏବଂ ବାଲ୍ୟ ବୈଧବ୍ୟ ପରି ସମସ୍ୟା ସହିତ ଜଡିତ । ଏତଦ୍ ବ୍ୟତିତ ପୁଷ୍ଟିହୀନତା, ରୁଗ୍ଣ ସ୍ୱାସ୍ଥ୍ୟ ଏବଂ ଆଶତୀତ ଭାବେ ଜନସଂଖ୍ୟା ବୃଦ୍ଧି ଏହାର ଗୋଟିଏ ଗୋଟିଏ ଆଧାର ।ଶିଶୁ ଅଧିକାରର ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା  ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାର ଯୁକ୍ତ ଖାଦ୍ୟ, ସୁଷମ ଖାଦ୍ୟ ଲାଭ କରିବା ସହିତ ଶିକ୍ଷା ଏବଂ ଶୋଷଣ, ହିଂସା ଏବଂ ନିର୍ଯାତନାରୁ ମୁକ୍ତି ପରି ମୌଳିକ ଅଧିକାର ଗୁଡିକୁ ହାସଲ କରିବା ।

ବାଲ୍ୟ ବିବାହ ଶିଶୁ ମାନଙ୍କୁ ଏହି ସବୁ ଅଧିକାର ଗୁଡିକରୁ ବଞ୍ଚିତ କରିଥାଏ । ଗୋଟିଏ ଶିଶୁ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱରେ ପରିଣତ ହେବା ପାଇଁ ଯେଉଁ ସୁଯୋଗ ଆବଶ୍ୟକ ସେଥିରୁ ମଧ ବଞ୍ଚିତ ହୋଇଥାଏ । ଏହିପରି କ୍ଷତିକାରକ, ସାମାଜିକ ପ୍ରଥା ଗୁଡିକ ବାଲ୍ୟ ବିବାହ ଏବଂ ଅବାଂଛିତ ଗର୍ଭଧାରଣ ପରି ବିଲକ୍ଷଣର ଶିକାର ହେବା ପାଇଁ ଶିଶୁ ମାନଙ୍କୁ ବାଧ କରିଥାଏ । ମାତ୍ରାଧକ ଶିଶୁ ଏବଂ ମାତୃ ମୃତ୍ୟୁ ହାରର ଏହା ହେଉଛି ମୁଖ୍ୟ କାରଣ, ଆଉ ଏହି କାରଣ ଯୋଗୁଁ ହିଁ ପୁଷ୍ଟିହୀନତାର ବ୍ୟାପକତା ଯୁଗ ପରେ ଯୁଗ ପିଢି ପରେ ପିଢି ଚକ୍ରବତ ଘୁରି ଚାଲିଛି ।

ବାଲ୍ୟବିବାହ ଶିଶୁମାନଙ୍କ ଉପରେ ଆଉ କେତେକ ସାମାଜିକ ଦାୟିତ୍ୱରେ ବୋଝ ଲଦି ଦେଇଥାଏ, ଯେଉଁ ସମୟରେ କି ଶିଶୁଟି ଶାରୀରିକ, ମାନସିକ କିମ୍ବା ଆବେଗିକ ସ୍ତରରେ ଏହି ସବୁ ଦାୟିତ୍ୱ ସମ୍ଭାଳିବା ପାଇଁ ପ୍ରସ୍ତୁତ ହୋଇନଥାଏ । ବାଲ୍ୟ ବିବାହ ମୁଖ୍ୟତଃ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ମଧ୍ୟରେ ପରିଦୃଷ୍ଟ ହୋଇଥାଏ । ଗୋଟିଏ ନୁହେଁ ଅନେକ କାରଣ ଏଥିପାଇଁ ଦାୟୀ ।

ପ୍ରମୁଖ କାରଣ ଗୁଡିକ ହେଲା, ଦାରିଦ୍ର୍ୟ, କନ୍ୟାସନ୍ତାନ ମାନଙ୍କୁ ସୁରକ୍ଷା ଦେବାରେ ସମସ୍ୟା, କନ୍ୟା ମାନଙ୍କୁ ସୁଯୋଗର ଅଭାବ, ସଚେତନତାର ଅଭାବ, ବାଲ୍ୟ ବିବାହ ଯୋଗୁଁ ଉପୁଜୁଥିବା ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ବନ୍ଧରେ ଅଜ୍ଞତା, ସଂପୃକ୍ତ ଆଇନ ସମ୍ବନ୍ଧରେ ଜ୍ଞାନାଭାବ ଏବଂ ପ୍ରଚଳିତ ଆଇନ ଗୁଡିକର ଅପାରଗ କାର୍ଯ୍ୟାନ୍ୱୟନ ।

ଶିଶୁଟିର ମୌଳିକ ଆବଶ୍ୟକତାକୁ ଯଦି ଆମେ ବିଚାରକୁ ନେବା ତେବେ ଉକ୍ତ ଆବଶ୍ୟକତା ମଧ୍ୟରୁ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବା ଜରୁରୀ । ସେଗୁଡିକ ହେଲା ତାର ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଉତ୍ତମ ଶିକ୍ଷା, ହିଂସା ଓ ଶୋଷଣ ମୁକ୍ତ ପରିବେଶ ।

କିନ୍ତୁ ଏ ଦିଗରେ ଆମେ ଯେତେ ତତ୍ପର ହେଲେ ସୁଦ୍ଧା କେତେ ଗୁଡିଏ ପ୍ରତିବନ୍ଧକ ଶିଶୁଟିର ମୌଳିକ ଅଧିକାରକୁ ସୁନିଶ୍ଚିତ କରାଇବା ପଥରେ ବାଧା ସୃଷ୍ଟି କରୁଛି । ସେଥିମଧ୍ୟରୁ ବାଲ୍ୟ ବିବାହ ହେଉଛି ମୁଖ୍ୟ ପ୍ରତିବନ୍ଧକ । ଏହି ପ୍ରତିବନ୍ଧକକୁ ହଟାଇ ଦେଶରେ ବାଲ୍ୟ ବିବାହ ବିରୁଦ୍ଧରେ ନୂତନ ବାୟୁମଣ୍ଡଳ ସୃଷ୍ଟି କରିବା ପାଇଁ ୨୦୦୬ ମସିହାରେ ଏକ ଆଇନ ପ୍ରଣୀତ ହେଲା ଯାହା କି ବାଲ୍ୟବିବାହ ନିଷେଧ ଆଇନ - ୨୦୦୬ ନାମରେ ଖ୍ୟାତ ।

## ବାଲ୍ୟବିବାହ ନିଷେଧ ଆଇନ୍ ୨୦୦୬ ସମ୍ବନ୍ଧରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନାବଳୀ

**ପ୍ରଶ୍ନ - ବିବାହର ନ୍ୟୂନତମ ବୟସ ସଂକ୍ରାନ୍ତରେ ମିଳିତ ଜାତିସଂଘର କୌଣସି ଘୋଷଣାନାମା ଅଛି କି ?**

**ଉତ୍ତର** - ହଁ, ଅଛି । ମିଳିତ ଜାତିସଂଘ ତରଫରୁ 'ବିବାହ ପାଇଁ ସମ୍ମତି, ବିବାହ ପାଇଁ ନ୍ୟୂନତମ ବୟସ ଏବଂ ବିବାହର ପଂଜିକରଣ ସଭା (କନଭେନସନ୍) ୧୯୬୪' ଅନୁଷ୍ଠିତ ହୋଇଥିଲା । ଏହି କନ୍‌ଭେନସନ୍ ଅନୁଯାୟୀ ସମସ୍ତ ପକ୍ଷ-ରାଷ୍ଟ୍ରମାନଙ୍କର କର୍ତ୍ତବ୍ୟ ହେଉଛି-

(ଏ) ବିବାହ ପାଇଁ ଏକ ସର୍ବନିମ୍ନ ବୟସ ନିର୍ଦ୍ଧାରଣ କରିବା,

(ବି) ଉଭୟ ପକ୍ଷର ସଂପୂର୍ଣ୍ଣ ଓ ସ୍ୱାଧୀନ ସମ୍ମତି ବିନା ଅନୁଷ୍ଠିତ ହେଉଥିବା ବିବାହକୁ ଆଇନ୍‌ଗତ ସ୍ୱୀକୃତି ନଦେବା ଏବଂ

(ସି) ସମସ୍ତ ବିବାହକୁ ପଂଜିକରଣ କରିବା ।

ଭାରତ ଏପର୍ଯ୍ୟନ୍ତ ଏହି କନ୍‌ଭେନ୍‌ସନ୍‌କୁ ସ୍ୱାକ୍ଷର କରିନାହିଁ । ଏହାଛଡା ମିଳିତ ଜାତିସଂଘ ଦ୍ୱାରା ୧୮ ଡିସେମ୍ବର ୧୯୭୯ରେ ଅନୁଷ୍ଠିତ ମହିଳାମାନଙ୍କ ପ୍ରତି ସମସ୍ତ ପ୍ରକାର ବାଛବିଚାରର ଅବସାନ କନ୍‌ଭେନସନ୍, ୩ ସେପ୍ଟେମ୍ବର ୧୯୮୧ରେ ବଳବତ୍ତର ହୋଇଥଲା ଏବଂ ଏହାର ଧାରା ୧୬(୨)ରେ କୁହାଯାଇଛି ଯେ, 'ଜଣେ ଶିଶୁର ନିର୍ବନ୍ଧ ଓ ବିବାହର କୌଣସି ବୈଧାନିକ ପ୍ରଭାବ ରହିବ ନାହିଁ; ବିବାହ ପାଇଁ ନ୍ୟୂନତମ ବୟସ ଏବଂ ସରକାରୀ ସ୍ତରରେ ବିବାହର ପଞ୍ଜିକରଣକୁ ବାଧ୍ୟତାମୂଳକ କରିବା ପାଇଁ ଆଇନ୍ ପ୍ରଣୟନ ସମେତ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ' । ଭାରତ ଏହି କନଭେନସନ୍‌କୁ ୩୦ ଜୁଲାଇ ୧୯୮୦ରେ ସ୍ୱାକ୍ଷର କରିଥିଲା, କିନ୍ତୁ ୧୩ ବର୍ଷ ପରେ, ତା ୯ ଜୁଲାଇ ୧୯୯୩ ରିଖରେ ନିଜର ଭିନ୍ନମତ ସହ ଅଙ୍ଗୀକାର କଲା । ସେହି ଭିନ୍ନମତଟି ଥିଲା, କନଭେନସନ୍‌ର ଧାରା ୧୬(୨)ରେ ପ୍ରସ୍ତାବିତ ପ୍ରତି ବିବାହର ବାଧ୍ୟତାମୂଳକ ପଞ୍ଜିକରଣ ନୀତିଗତ ଭାବେ ସମର୍ଥନ-ଯୋଗ୍ୟ ହେଲେ ହେଁ, ବହୁବିଧ ପ୍ରଥା, ଧର୍ମ ଓ ସାକ୍ଷରତାର ସ୍ତର ଥିବା ଭାରତ ଭଳି ଏକ ବିଶାଳ ଦେଶରେ ଏହା ବାସ୍ତବ ନୁହେଁ । (http://www.un.org/womenwatch/daw/cedaw/reservations-country.htm) ।

**ପ୍ରଶ୍ନ - ବାଲ୍ୟ ବିବାହ ଉପରେ ମିଳିତ ଜାତିସଂଘର କୌଣସି ପ୍ରସ୍ତାବ ଗୃହୀତ ହୋଇଛି କି ?**

**ଉତ୍ତର** - ତା ୨୧ ନଭେମ୍ବର ୨୦୧୪ରିଖରେ ମିଳିତ ଜାତିସଂଘ ଶିଶୁମାନଙ୍କୁ 'ସହଳ ଓ ବାଧ୍ୟତାମୂଳକ ବିବାହ କରାଇବା' ବିରୋଧରେ ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିଥିଲା । ୧୧୬ଟି

ଦେଶ ଏହାର ସହ-ପ୍ରସ୍ତାବକ ଥିଲେ । ଭାରତ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ହେଁ ସହ-ପ୍ରସ୍ତାବକ ତାଲିକାରେ ନଥିଲା । ଏହାପରେ ତା ୨ ଜୁଲାଇ ୨୦୧୫ରିଖରେ ମିଳିତ ଜାତିସଂଘର ମାନବାଧିକାର ପରିଷଦ ସର୍ବସମ୍ମତି କ୍ରମେ 'ଶିଶୁମାନଙ୍କୁ ସହଜ ଓ ବାଧ୍ୟତା ମୂଳକ ବିବାହର ବାରଣ' ଉପରେ ପୁଣି ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିଛି, ଯେଉଁଥିରେ ୮୫ଟି ସଦସ୍ୟ-ରାଷ୍ଟ୍ର ସହ-ପ୍ରସ୍ତାବକ ଭାବେ ଥିଲେ । ଭାରତ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ ହେଁ ଏହାର ସହ-ପ୍ରସ୍ତାବକ ହୋଇପାରିନି ।

**ପ୍ରଶ୍ନ - ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଆମ ଦେଶରେ କେବେ ଠାରୁ ଓ କିଭଳି ଲାଗୁ ହୋଇଛି ?**

**ଉତ୍ତର** - ଏହି ଆଇନ୍ ପାର୍ଲିଆମେଣ୍ଟରେ ଗୃହୀତ ହେବା ପରେ ତା ୧୦ ଜାନୁଆରି ୨୦୦୭ ରିଖରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ତା ପରଦିନ ଭାରତର ଗେଜେଟ୍ (ଅସାଧାରଣ)ରେ ବିଜ୍ଞପ୍ତି ଲାଭ କରିଥିଲା । ଏହାର ଧାରା ୧(୨) ଅନୁଯାୟୀ ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ଓ ପଣ୍ଡିଚେରି କେନ୍ଦ୍ରାଂଚଳର ରେନୋକାନ୍ଟ ଅଂଚଳ ପାଇଁ ଲାଗୁହେବ ନାହିଁ । ପୁଣି, ଏହାର ଧାରା ୧(୩) ଅନୁଯାୟୀ ଦେଶର ସମସ୍ତ ରାଜ୍ୟରେ ଏହା ଏକାବେଳେ ଲାଗୁହେବ ନାହିଁ, ଏବଂ ବିଭିନ୍ନ ରାଜ୍ୟରେ ଯେଉଁ ଭିନ୍ନ ଭିନ୍ନ ତାରିଖରେ ଏହା ଲାଗୁହେବ, ତାହା କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞପ୍ତି ଜାରି କରି ଧାର୍ଯ୍ୟ କରିବେ ।

**ପ୍ରଶ୍ନ - ଓଡିଶାରେ ଏହି ଆଇନ କେବେଠାରୁ ଲାଗୁ ହୋଇଛି ?**

**ଉତ୍ତର** - ଆଇନ୍‌ର ଧାରା ୧୯ ଅନୁଯାୟୀ ଏହାର ବ୍ୟବସ୍ଥାବଳୀକୁ କାର୍ଯ୍ୟକାରୀ କରିବା ପାଇଁ କେବଳ ରାଜ୍ୟ ସରକାରମାନେ ହିଁ ନିୟମାବଳୀ ପ୍ରଣୟନ ପାଇଁ କ୍ଷମତାପ୍ରାପ୍ତ । ସୁତରାଂ ଓଡିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ଦ୍ୱାରା ଓଡିଶା ବାଲ୍ୟ ବିବାହ ନିଷେଧ ନିୟମାବଳୀ ୨୦୦୯ ତା ୧୯.୦୯.୨୦୦୯ ରିଖରେ ପ୍ରଣୀତ ହୋଇ ରାଜ୍ୟ ଗେଜେଟ୍‌ରେ ତା ୨୨.୦୯.୨୦୦୯ ରିଖରେ ବିଜ୍ଞପ୍ତି ଲାଭ କରିଥିଲା । ଏହି ନିୟମାବଳୀର ନିୟମ ୧(୨) ଅନୁଯାୟୀ ଏହା ଗେଜେଟ୍‌ରେ ବିଜ୍ଞପ୍ତି ଲାଭ କରିବା ତାରିଖ, ଅର୍ଥାତ୍ ତା ୨୨.୦୯.୨୦୦୯ରିଖରୁ ରାଜ୍ୟରେ ବଳବତ୍ତର ହୋଇସାରିଛି ।

**ପ୍ରଶ୍ନ - ଆମ ଦେଶରେ ବାଲ୍ୟ ବିବାହ ନିୟନ୍ତ୍ରଣ ପାଇଁ ଆଗରୁ କୌଣସି ଆଇନ୍ ଥିଲା କି ?**

**ଉତ୍ତର** - ହଁ, ଥିଲା । ତାହାର ନାମ ହେଉଛି, ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ୍ ୧୯୨୯ । ଏହାର ମୁଖ୍ୟ ପ୍ରବକ୍ତା ହରବିଳାସ ସାରଦାଙ୍କ ନାମ ଅନୁଯାୟୀ ଏହାକୁ ସାରଦା ଆଇନ୍ ମଧ୍ୟ କୁହାଯାଏ । ଏହା ୧୯୩୦, ୧୯୩୮, ୧୯୪୯, ୧୯୫୦, ୧୯୫୧, ୧୯୬୮ ଓ ୧୯୭୮ରେ ସଂଶୋଧନ

ହୋଇ ପରିଶେଷରେ ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ଦ୍ୱାରା ପ୍ରତ୍ୟାହୃତ ହୋଇଛି । ଏଥିରେ ପ୍ରଥମେ ଝିଅର ନ୍ୟୂନତମ ବିବାହ ବୟସ ୧୪ ଥିଲା, କିନ୍ତୁ ୧୯୪୯ର ସଂଶୋଧନ ଫଳରେ ୧୫କୁ ବୃଦ୍ଧି ପାଇଥିଲା ଓ ପୁଅର ବୟସ ୧୮ ଥିଲା । ୧୯୭୮ରେ ଏହାର ସଂଶୋଧନ କରାଯାଇ ଝିଅର ବୟସ ୧୮ ଓ ପୁଅର ବୟସ ୨୧କୁ ବୃଦ୍ଧି କରାଗଲା । ଏହି ଆଇନ୍ ଅନୁଯାୟୀ ଜଣେ ୧୮ରୁ ୨୧ ବର୍ଷର ପୁଅ ଜଣେ ଶିଶୁ କନ୍ୟାକୁ ବିବାହ କଲେ ତା ପାଇଁ ଦଣ୍ଡ ଥିଲା ୧୫ଦିନ ଜେଲ୍ ବା ୧ହଜାର ଟଙ୍କା ଜୋରିମାନା ବା ଉଭୟ ଦଣ୍ଡ । ପୁଣି, ୨୧ବର୍ଷରୁ ଉର୍ଦ୍ଧ୍ୱ ପୁଅ ଯଦି ଜଣେ କନ୍ୟାଶିଶୁକୁ ବିବାହ କରେ, ତା ପାଇଁ ଦଣ୍ଡ ଥିଲା ୩ମାସ ଜେଲ୍ ଏବଂ ଜୋରିମାନା । ଯେଉଁ ବ୍ୟକ୍ତିମାନଙ୍କ ନିର୍ଦ୍ଦେଶରେ ବା ସଂପାଦନାରେ ଏଭଳି ଶିଶୁ ବିବାହ ଅନୁଷ୍ଠିତ ହେଉଥିଲା, ସେମାନଙ୍କ ପାଇଁ ମଧ୍ୟ ଦଣ୍ଡ ଥିଲା ୩ମାସ ଜେଲ୍ ଏବଂ ଜୋରିମାନା । ଏହାଛଡା ଏଭଳି ବିବାହ ପଛରେ ଯେଉଁ ପିତା/ମାତା ବା ଅଭିଭାବକଙ୍କ ଅନୁମତି ରହୁଥିଲା, ସେମାନଙ୍କ ପାଇଁ ଦଣ୍ଡବିଧାନ ଥିଲା ସର୍ବାଧିକ ୩ମାସ ଜେଲ୍ ବା ଜୋରିମାନା ।

**ପ୍ରଶ୍ନ - ଭାରତୀୟ ସଂବିଧାନରେ ବାଲ୍ୟ ବିବାହ ଉପରେ କୌଣସି ବ୍ୟବସ୍ଥା ଅଛି କି ?**

**ଉତ୍ତର** - ସିଧାସଳଖ ନାହିଁ । କିନ୍ତୁ ସମ୍ବିଧାନର ଧାରା-୪୪ରେ କୁହାଯାଇଛି ଯେ, ସମଗ୍ର ଭାରତ ପାଇଁ ଏକ ସମରୂପ ଦେବାନୀ ସଂହିତା ଚାଲୁ କରିବା ପାଇଁ ରାଷ୍ଟ୍ର ପ୍ରୟାସ କରିବ । ଉଲ୍ଲେଖନୀୟ ଯେ, ବିବାହ, ବିଚ୍ଛେଦ, ପୋଷ୍ୟତା, ଉତ୍ତରାଧିକାର ଓ ଅଭିଭାବକତ୍ୱ ଇତ୍ୟାଦି ବିଷୟମାନ ଏକ ଦେବାନୀ ସଂହିତା ବା ବ୍ୟକ୍ତିବିଧିର ପରିସରଭୁକ୍ତ । ଏହି ଧାରାଟି ସମ୍ବିଧାନର ଭାଗ-୪ (ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ପାଇଁ ମାର୍ଗଦର୍ଶୀ ନିୟମସମୂହ)ରେ ଥିବାରୁ ତାହାକୁ ବାସ୍ତବାୟନ କରିବା ଦିଗରେ ରାଷ୍ଟ୍ର ପ୍ରୟାସ କରିବ, କିନ୍ତୁ ଧାରା ୩୭ ଅନୁଯାୟୀ ତାହାକୁ ହାସଲ କରିବା ପାଇଁ କୌଣସି ନାଗରିକ ଅଦାଲତ ସମ୍ମୁଖରେ ଫେରାଦ ହୋଇପାରିବ ନାହିଁ । ସୁତରାଂ ଦେଶ ଭିତରେ ଅନ୍ୟାନ୍ୟ ବହୁ ଦେବାନୀ ବିଷୟ ଭଳି ବିଭିନ୍ନ ଧାର୍ମିକ ସଂପ୍ରଦାୟ ପାଇଁ ବିବାହ ସଂବନ୍ଧରେ ମଧ୍ୟ ବିଧିବିଧାନ ଭିନ୍ନ ଭିନ୍ନ ରହିଆସିଛି । ସମ୍ବିଧାନର ଭାଗ-୩ (ମୌଳିକ ଅଧିକାରସମୂହ)ରେ ଥିବା ଧାରା ୨୫ (ବିବେକର ସ୍ୱାଧୀନତା ଏବଂ ଧର୍ମ ଗ୍ରହଣ, ଆଚରଣ ଓ ପ୍ରଚାର ପାଇଁ ସ୍ୱାଧୀନତା) ଏବଂ ଧାରା-୨୬ (ଧାର୍ମିକ ବ୍ୟାପାରଗୁଡିକର ପରିଚାଳନା ପାଇଁ ସ୍ୱାଧୀନତା) ତଥା ଧାରା ୨୯ (ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥସମୂହର ସୁରକ୍ଷା)ର ମିଳିତ ଅଧ୍ୟୟନରୁ ଜଣାପଡେ ଯେ, ପ୍ରତି ଧାର୍ମିକ ସଂପ୍ରଦାୟ ବିବାହ ସମେତ ବିଭିନ୍ନ ବିଷୟରେ ନିଜ ନିଜର ବ୍ୟକ୍ତିବିଧିକୁ ପାଳନ କରିବେ ଏବଂ ରାଷ୍ଟ୍ର ଏଥିପାଇଁ ସେମାନଙ୍କୁ ସୁରକ୍ଷା ଦେବ । ଏହି କାରଣରୁ ବିବାହର ବୟସ ସମେତ ବିଭିନ୍ନ ବିଷୟରେ ବିଭିନ୍ନ ଧାର୍ମିକ ସଂପ୍ରଦାୟର ଭିନ୍ନ ଭିନ୍ନ ବ୍ୟକ୍ତିବିଧି ବଳବତ୍ତର ରହିଛି ।

**ପ୍ରଶ୍ନ - ଭାରତରେ ବିଭିନ୍ନ ସଂପ୍ରଦାୟ ପାଇଁ ବଳବତ୍ତର ଥିବା ପ୍ରମୁଖ ବ୍ୟକ୍ତିବିଧି ଗୁଡିକ କ'ଣ ?**

**ଉତ୍ତର** - ସେଗୁଡିକ ହେଲା, ହିନ୍ଦୁ ବ୍ୟକ୍ତିବିଧି ୧୯୫୫ ଓ ୧୯୫୬ (ବିବାହ, ଉତ୍ତରାଧିକାର, ନାବାଳକତ୍ୱ ଓ ଅଭିଭାବକତ୍ୱ, ପୋଷ୍ୟତା ଓ ଭରଣପୋଷଣ); ମୁସଲିମ୍ ବ୍ୟକ୍ତିବିଧି (ଶରିଆତ୍) ପ୍ରୟୋଗ ଆଇନ୍ ୧୯୩୭ ଏବଂ ଇଣ୍ଡିଆନ୍ ଖ୍ରୀଷ୍ଟିଆନ୍ ବିବାହ ଆଇନ୍ ୧୮୭୨ । ଦେଶର ଅନ୍ୟାନ୍ୟ ବିଧିବିଧାନ ତୁଳନାରେ ଏହି ସମସ୍ତ ବ୍ୟକ୍ତିବିଧିର ଅତିକ୍ରମଣ କ୍ଷମତା ରହିଛି, ଦ୍ରଷ୍ଟବ୍ୟ ହିନ୍ଦୁ ବିବାହ ଆଇନ୍ ୧୯୫୫ର ଧାରା-୪; ମୁସ୍‌ଲିମ୍ ବ୍ୟକ୍ତିବିଧି (ଶରିଆତ୍) ପ୍ରୟୋଗ ଆଇନ୍ ୧୯୩୭ର ଧାରା-୨; ଏବଂ ଖ୍ରୀଷ୍ଟିଆନ୍ ବିବାହ ଆଇନ୍ ୧୮୭୨ର ଧାରା-୪ ।

**ପ୍ରଶ୍ନ - ଭାରତର ପ୍ରମୁଖ ବ୍ୟକ୍ତିବିଧି ଗୁଡିକ ମଧ୍ୟରେ ବିବାହର ବୟସକୁ ନେଇ କିଛି ତାରତମ୍ୟ ଅଛି କି ?**

**ଉତ୍ତର** - ହିନ୍ଦୁ ବିବାହ ଆଇନ୍ ୧୯୫୫ର ଧାରା ୫ ଅନୁଯାୟୀ ପୁଅ ୨୧ବର୍ଷ ଓ ଝିଅ ୧୮ବର୍ଷ ହୋଇଥିଲେ ବିବାହ ହୋଇପାରିବ, କିନ୍ତୁ ଏହାର ଧାରା ୭(୨) ଅନୁଯାୟୀ ଯଦି ଉଭୟ ବର ଓ କନ୍ୟା ସପ୍ତପଦୀ କରିଥାନ୍ତି, ତେବେ ସେମାନଙ୍କର ବିବାହ ସଂପୂର୍ଣ୍ଣ ଓ ଚୂଡାନ୍ତ ବୋଲି ବିବେଚିତ ହେବ । ଏହାଛଡା ଏହି ଆଇନ୍‌ର ଧାରା ୮(୫) ଅନୁଯାୟୀ ଗୋଟିଏ ହିନ୍ଦୁ ବିବାହ ପଞ୍ଜିକୃତ ହୋଇନଥିଲେ ବି ତାହାର ବୈଧତାକୁ ପ୍ରଶ୍ନ କରାଯାଇପାରିବ ନାହିଁ । ଏଭଳି ବ୍ୟବସ୍ଥାମାନ ଥିବା କାରଣରୁ ବିହିତ ବୟସ ଠାରୁ ନିମ୍ନ ବୟସରେ ହିନ୍ଦୁ ପୁଅ ଓ ଝିଅ ମାନେ ବିବାହ କରୁଛନ୍ତି ଓ ତାହା କାଏମ୍ ରହୁଛି । ମୁସ୍‌ଲିମ୍ ସରିଆତ୍ ପ୍ରୟୋଗ ଆଇନ୍ ୧୯୩୭ ଅନୁଯାୟୀ, ପୁଅ ବା ଝିଅ ୧୫ବର୍ଷ ଅଥବା ଯୌବନପ୍ରାପ୍ତି ହାସଲ କରିଥିଲେ ବିବାହ କରିପାରିବେ । ଖ୍ରୀଷ୍ଟିଆନ୍ ବିବାହ ଆଇନ୍ ୧୮୭୨ର ଧାରା ୧୯ ଅନୁଯାୟୀ ବିବାହର ଦୁଇପକ୍ଷ ଭିତରୁ ଯେ କୌଣସି ପକ୍ଷ ନାବାଳକ (ଅର୍ଥାତ୍ ୨୧ବର୍ଷରୁ କମ୍) ହୋଇଥିଲେ ତାଙ୍କର ପିତା, ମାତା ବା ଅଭିଭାବକଙ୍କ ସମ୍ମତି କ୍ରମେ ବିବାହ ସମ୍ପାଦିତ ହୋଇପାରିବ ।

**ପ୍ରଶ୍ନ - ୨୦୦୬ ଆଇନ୍ ପ୍ରଣୟନ ପଛରେ ମୁଖ୍ୟ ଉଦ୍ଦେଶ୍ୟ କ'ଣ ?**

**ଉତ୍ତର** - ଏହାର ମୁଖ୍ୟ ଉଦ୍ଦେଶ୍ୟ ସଂପୃକ୍ତ ବିଲ୍‌ର 'ଉଦ୍ଦେଶ୍ୟ ଓ କାରଣମାନ ଉପରେ ବୟାନ'ରେ ନିମ୍ନମତେ ସୂଚୀତ ହୋଇଛି-

(୧) ବାଲ୍ୟ ବିବାହ କଟକଣା ଆଇନ୍ ୧୯୨୯ରେ ବାଲ୍ୟବିବାହ ପାଇଁ ଅନୁଷ୍ଠିତ କର୍ମକାଣ୍ଡକୁ ଦଣ୍ଡନୀୟ କରାଯାଇଥଲା, କିନ୍ତୁ ଏଭଳି ବିବାହକୁ ଅସିଦ୍ଧ ବା ଅବୈଧ ଘୋଷଣା କରୁନଥିଲା । ସୁତରାଂ

ଉଭୟ ବାଲ୍ୟ ବିବାହର କର୍ମକାଣ୍ଡ ସହିତ ବାଲ୍ୟବିବାହକୁ ବେଆଇନ୍ ଓ ଦଣ୍ଡନୀୟ କରିବା ପାଇଁ ଏକ ନୂତନ ଆଇନ୍ ପ୍ରଣୟନର ଆବଶ୍ୟକତା ଦେଖାଦେଲା ।

(୨) ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ଅବସ୍ଥାକୁ ବିପନ୍ନ କରୁଥିବା ବାଲ୍ୟବିବାହ ଭଳି ଏକ କୁପ୍ରଥାକୁ ରୋକିବା ପାଇଁ ବଳିଷ୍ଠ ବ୍ୟବସ୍ଥାବଳୀ ଓ କଠୋର ଦଣ୍ଡବିଧାନର ଆବଶ୍ୟକତା ଦେଖାଦେଲା । ଏହି ଉଦ୍ଦେଶ୍ୟରେ ଜାତୀୟ ମହିଳା କମିଶନ୍ ତାଙ୍କର ୧୯୯୫-୯୬ ବାର୍ଷିକ ବିବରଣୀରେ ସୁପାରିଶ୍ କରିଥିଲେ ଯେ,

(୧) ସରକାର ବିଭିନ୍ନ ସ୍ତରରେ ବାଲ୍ୟ ବିବାହ ନିରାକରଣ ଅଧିକାରୀମାନଙ୍କୁ ନିଯୁକ୍ତି ଦିଅନ୍ତୁ ।

(୨) ଦଣ୍ଡବିଧାନ ଅଧିକ କଠୋରତର ହେଉ ।

(୩) ଆଇନ୍‌ର ବିରୁଦ୍ଧାଚରଣ କରି ଅନୁଷ୍ଠିତ ହେଉଥିବା ବାଲ୍ୟବିବାହଗୁଡ଼ିକୁ ଅସିଦ୍ଧ ଘୋଷଣା କରାଯାଉ ।

(୪) ବାଲ୍ୟବିବାହ ଜନିତ ଅପରାଧଗୁଡ଼ିକୁ ଧର୍ତ୍ତବ୍ୟ କରାଯାଉ ।

(୩) ଜାତୀୟ ମାନବାଧିକାର କମିଶନ୍ ତାଙ୍କର ୨୦୦୧-୦୨ ବାର୍ଷିକ ବିବରଣୀରେ ସେତେବେଳେ ପ୍ରଚଳିତ ଆଇନ୍‌ର ବ୍ୟାପକ ସଂଶୋଧନ ପାଇଁ ସୁପାରିଶ୍ କରିଥିଲେ । ଉଭୟ କମିଶନ୍‌ଙ୍କ ସୁପାରିଶ୍‌ଗୁଡ଼ିକ ଉପରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରାଂଚଳ ସମୂହ ସହ ପରାମର୍ଶ କରି ପ୍ରଚଳିତ ଦୁର୍ବଳ ଆଇନ୍ ବଦଳରେ ଏକ ନୂତନ ବଳିଷ୍ଠ ଆଇନ୍ ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଥିଲେ ।

**ପ୍ରଶ୍ନ - ୨୦୦୬ ଆଇନ୍‌ର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ?**

**ଉତ୍ତର** - ଏହାର ନିମ୍ନୋକ୍ତ ବୈଶିଷ୍ଟ୍ୟମାନ ରହିଛି-

(୧) ଏକ ବାଲ୍ୟ ବିବାହର ଶିଶୁପକ୍ଷ ଦ୍ୱାରା ଆଗତ ଆବେଦନ କ୍ରମେ ଏହାକୁ ଅସିଦ୍ଧ-ଯୋଗ୍ୟ କରିବା ।

(୨) ଏକ ବାଲ୍ୟବିବାହ ଅସିଦ୍ଧ ହୋଇଗଲା ପରେ ଶିଶୁକନ୍ୟାଟି ପୁନର୍ବିବାହ କରିବା ପର୍ଯ୍ୟନ୍ତ ତା'ର ସ୍ୱାମୀ ଅଥବା ବରପକ୍ଷ ଯଦି ନାବାଳକ ହୋଇଥାଏ ତେବେ ତାଙ୍କର ଅଭିଭାବକଙ୍କୁ ଭରଣପୋଷଣ ବହନ କରିବା ପାଇଁ ବାଧ୍ୟ କରିବା ।

(୩) ବାଲ୍ୟ ବିବାହରୁ ଜନ୍ମିତ ପିଲାମାନଙ୍କର ହେପାଜତ୍ ଓ ଭରଣପୋଷଣର ବ୍ୟବସ୍ଥା ଆଇନ୍‌ରେ ସ୍ଥାନିତ କରିବା ।

(୪) ବାଲ୍ୟ ବିବାହରୁ ଜନ୍ମିତ ପିଲାମାନଙ୍କୁ ବୈଧ ବୋଲି ବିବେଚନା କରିବା ।

(୫) ମହିଳା-ପକ୍ଷ ଆବେଦକଙ୍କ ଆଶ୍ରୟ ଓ ଭରଣପୋଷଣ ସହିତ ପିଲାମାନଙ୍କର ହେପାଜତ୍ ଓ ଭରଣପୋଷଣ ଉପରେ ତାଙ୍କର ଆବେଦନ ମତେ ପୂର୍ବରୁ ପାରିତ ହୋଇଥିବା ଯେ କୌଣସି ଆଦେଶକୁ ସଂଶୋଧନ ବା ପ୍ରତ୍ୟାହାର ପାଇଁ ଜିଲ୍ଲା ଅଦାଲତ ଉପରେ କ୍ଷମତା ନ୍ୟସ୍ତ କରିବା ।

(୬) କେତେକ ସ୍ଥିତିରେ ବାଲ୍ୟବିବାହକୁ ଅସିଦ୍ଧ ଘୋଷଣା କରିବା ।

(୭) ଆଇନ୍‌ର ଉଲ୍ଲଂଘନ ଘଟାଇ ଅନୁଷ୍ଠିତ ହେଉଥିବା କୌଣସି ବିବାହ ସଂପାଦନ କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ବାରଣାଦେଶ ଜାରି କରିବା ନିମନ୍ତେ ଅଦାଲତଗୁଡିକୁ କ୍ଷମତାବଳୀ ନ୍ୟସ୍ତ କରିବା ।

(୮) ଅନୁସନ୍ଧାନ ଓ ଅନ୍ୟାନ୍ୟ ଉଦ୍ଦେଶ୍ୟ ପାଇଁ ଅପରାଧଗୁଡିକୁ ଧର୍ତ୍ତବ୍ୟ ବିବେଚନା କରିବା ।

(୯) ରାଜ୍ୟ ସରକାରମାନଙ୍କ ଦ୍ୱାରା ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କୁ ନିୟୋଜନ କରାଇବା ।

(୧୦)ନିୟମାବଳୀ ପ୍ରଣୟନ କରି ଆଇନ୍‌ର ବ୍ୟବସ୍ଥାବଳୀକୁ କାର୍ଯ୍ୟରୂପ ଦେବା ପାଇଁ ରାଜ୍ୟ ସରକାରମାନଙ୍କୁ ଦାୟିତ୍ୱବଦ୍ଧ କରିବା ।

**ପ୍ରଶ୍ନ -ଭାରତ ଏକ ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ,ସବୁ ଧର୍ମାବଲମ୍ବୀ ମାନଙ୍କୁ ସୁହାଇଲା ଭଳି ବିବାହ ଆଇନ ଆମ ଦେଶରେ ଅଛି କି ?**

**ଉତ୍ତର** -ଅଛି, ତାର ନାମ ହେଉଛି ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ (Special Marriage Act 1954) ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ନାଗରିକ ଏହି ଆଇନ ଅନୁସାରେ ବିବାହକୁ ପଂଜୀକରଣ କରାଇ ପାରିବେ ।

**ପ୍ରଶ୍ନ - ବାଲ୍ୟ ବିବାହ କାହାକୁ କୁହାଯାଏ ?**

**ଉତ୍ତର** -ଆଇନ ସମ୍ମତ ବୟଃପ୍ରାପ୍ତି ପୂର୍ବରୁ ପୁଅଝିଅଙ୍କର ବିବାହକୁ ବାଲ୍ୟ ବିବାହ କୁହାଯାଏ ।

**ପ୍ରଶ୍ନ - ବିବାହ ପାଇଁ ଆଇନ ସମ୍ମତ ବୟସ କ'ଣ ?**

**ଉତ୍ତର** - ଆମ ଦେଶର ପୁଅ ମାନେ ୨୧ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଝିଅମାନେ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଲେ ହିଁ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ।

**ପ୍ରଶ୍ନ – ଆମ ଦେଶରେ କୌଣସି ବିବାହ ଆଇନ ପ୍ରଚଳିତ କି ?**

**ଉତ୍ତର** – ହଁ, ଆମ ଦେଶରେ ହିନ୍ଦୁ ମାନଙ୍କ ପାଇଁ ହିନ୍ଦୁ ବିବାହ ଆଇନ ୧୯୫୫ ଏବଂ ଅନ୍ୟ ସବୁ ଧର୍ମାବଲମ୍ବୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ (Special Marriage Act 1954) ବଳବତ୍ତର ଅଛି । ହିନ୍ଦୁ ମାନେ ଚାହିଁଲେ ହିନ୍ଦୁ ବିବାହ ଆଇନ ଏବଂ ହିନ୍ଦୁ ସମେତ ଅନ୍ୟ ଅଣ ହିନ୍ଦୁ ସଂପ୍ରଦାୟ ନାଗରିକ ମାନେ ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ (Special Marriage Act 1954) ଅନୁସାରେ ନିଜ ବିବାହକୁ ପଂଜିକରଣ କରାଇପାରିବେ ।

**ପ୍ରଶ୍ନ – ଉପରୋକ୍ତ ଦୁଇ ବିବାହ ଆଇନରେ ସ୍ତ୍ରୀ, ପୁରୁଷଙ୍କ ପାଇଁ ବୟସର କୌଣସି ମାନଦଣ୍ଡ ରହିଛି କି ?**

**ଉତ୍ତର** – ହଁ, ଉଭୟ ଆଇନ କ୍ଷେତ୍ରରେ ପୁରୁଷଙ୍କର ବୟସ ୨୧ ଓ ମହିଳାଙ୍କର ବୟସ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ରହିଛି ।

**ପ୍ରଶ୍ନ – ବାଲ୍ୟ ବିବାହକୁ ନିଷେଧ କରିବା ପାଇଁ ଆମ ଦେଶରେ କିଛି ଆଇନ ଅଛି କି ?**

**ଉତ୍ତର** – ହଁ, ୨୦୦୬ ରୁ ଆମ ଦେଶରେ ବାଲ୍ୟ ବିବାହ ନିଷେଧ ଆଇନ ବଳବତ୍ତର ରହିଛି ।

**ପ୍ରଶ୍ନ – ଏହି ଆଇନରେ ବାଳୁତ ବା ନାବାଳକ ବୋଇଲେ କାହାକୁ ବୁଝାଇଥାଏ ?**

**ଉତ୍ତର** –ଏହି ଆଇନ ଅନୁସାରେ ୨୧ ବର୍ଷରୁ କମ୍ କିଶୋର ଓ ୧୮ ବର୍ଷ ବୟସ ରୁ କମ୍ କିଶୋରୀକୁ ବାଳୁତ ବୋଲି ବିଚାର କରାଯାଇଥାଏ ।

**ପ୍ରଶ୍ନ – ବାଲ୍ୟ ବିବାହରେ ଚୁକ୍ତିବଦ୍ଧ ଅଂଶୀଦାର କାହାକୁ କୁହାଯାଇଥାଏ ?**

**ଉତ୍ତର** –ବାଲ୍ୟ ବିବାହ କରିଥିବା ପୁଅ ଝିଅ ଉଭୟଙ୍କୁ ଚୁକ୍ତିବଦ୍ଧ ଅଂଶୀଦାର ବୋଲି କୁହାଯାଇଥାଏ ।

**ପ୍ରଶ୍ନ – ସଂପାଦିତ ହୋଇଥିବା ବାଲ୍ୟ ବିବାହକୁ କେଉଁ ଉପାୟ ବଳରେ – ଅସିଦ୍ଧ ଘୋଷଣା କରାଯାଇପାରିବ ?**

**ଉତ୍ତର** – ବାଲ୍ୟ ବିବାହରେ ଚୁକ୍ତିବଦ୍ଧ ନାବାଳକ ବା ନାବାଳିକା ଏହି ବିବାହକୁ ଅସିଦ୍ଧ ଘୋଷଣା କରାଯିବା ନିମନ୍ତେ ଜିଲ୍ଲା ଜଜଙ୍କ ଅଦାଲତ/ ପରିବାର ଅଦାଲତ (Family Court) ରେ ଆବେଦନ କରି ଏହି ବିବାହକୁ ଅସିଦ୍ଧ ଘୋଷଣା କରି ପାରିବେ ।

**ପ୍ରଶ୍ନ - ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ କେଉଁ କେଉଁ ମାନେ କୋର୍ଟରେ ଆବେଦନ କରି ପାରିବେ ?**

**ଉତ୍ତର** - କୋର୍ଟରେ ଅଭିଯୋଗ ଆବେଦନ କରିବା ସମୟରେ ଆବେଦନକାରୀ ଯଦି ନାବାଳକ ବା ନାବାଳିକା ଥାଆନ୍ତି ତେବେ ତାଙ୍କ ତରଫରୁ ତାଙ୍କର ଅଭିଭାବକ, ନିକଟତମ ବଂଧୁ ବା ବାଲ୍ୟ ବିବାହ ନିଷେଧ ଅଧିକାରୀ କୋର୍ଟରେ ଆବେଦନ କରିପାରିବେ ।

**ପ୍ରଶ୍ନ - ସଂପନ୍ନ ହୋଇଥିବା ବାଲ୍ୟ ବିବାହ ବିରୁଦ୍ଧରେ କୋର୍ଟରେ ଅଭିଯୋଗ କରିବା ନିମନ୍ତ କୌଣସି ସମୟ ସୀମା ରହିଛି କି ?**

**ଉତ୍ତର** - ହଁ, ବିବାହରେ ଚୁକ୍ତିବଦ୍ଧ କୌଣସି ଜଣେ ଅଂଶୀଦାର ନାବାଳକ/ନାବାଳିକା ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ କୋର୍ଟରେ ଆବେଦନ କରିପାରିବେ । କିନ୍ତୁ ବାଲ୍ୟ ବିବାହ ସମ୍ପନ୍ନ ହୋଇଥିବା ନାବାଳିକାକୁ ୨୦ ବର୍ଷ ଏବଂ ନାବାଳକ ଜଣଙ୍କୁ ୨୩ ବର୍ଷ ପୂରିଗଲେ ସେମାନେ କୋର୍ଟରେ ଅଭିଯୋଗ ଦାଖଲ କରିପାରିବେ ନାହିଁ ।

**ପ୍ରଶ୍ନ - ବାଲ୍ୟ ବିବାହ କୋର୍ଟରେ ଅସିଦ୍ଧ ହେଲା ପରେ ବିବାହରେ ଚୁକ୍ତିବଦ୍ଧ ନାବାଳିକାଙ୍କୁ କି ପ୍ରକାର ସୁବିଧା ସୁଯୋଗ ବା କ୍ଷତିପୂରଣ ମିଳିଥାଏ ?**

**ଉତ୍ତର** - ଆଇନର ଧାରା ୪ ଓ ଉପଧାରା ୧ ଓ ୪ ଅନୁଯାୟୀ ନାବାଳିକାକୁ ଅନ୍ୟତ୍ର ବିବାହ କରିବା ପର୍ଯ୍ୟନ୍ତ ବାସସ୍ଥାନ ସମେତ ଭରଣ ପୋଷଣ ପାଇଁ ସହାୟତା ମିଳିଥାଏ ।

ବିବାହ ଅସିଦ୍ଧ ଘୋଷଣା ସମୟରେ ବିବାହରେ ଚୁକ୍ତିବଦ୍ଧ ସ୍ୱାମୀ ଜଣକ ନାବାଳକ ହୋଇଥିଲେ ତାଙ୍କର ପିତାମାତା ବା ବିଧି ସମ୍ମତ ଅଭିଭାବକ କନ୍ୟା ପକ୍ଷଙ୍କୁ ଏହି ଭରଣ ପୋଷଣ ବା ବାସସ୍ଥାନ ଯୋଗାଇଦେବା ପାଇଁ ଦାୟ ବଦ୍ଧ ରହିବେ ।

**ପ୍ରଶ୍ନ - ବାଲ୍ୟ ବିବାହ ଅସିଦ୍ଧ ଘୋଷଣା ହେବା ପରେ ଉକ୍ତ ବୈବାହିକ ସଂପର୍କରୁ ଜନ୍ମିତ ଶିଶୁ ମାନଙ୍କର ଜିମା କାହାକୁ ଦିଆଯିବ ?**

**ଉତ୍ତର** - କୌଣସି ପକ୍ଷ କୁ ଶିଶୁ ମାନଙ୍କର ଦାୟିତ୍ୱ ବା ଜିମା ପ୍ରଦାନ କରିବା ସମୟରେ ଅଦାଲତ ଶିଶୁ ମାନଙ୍କର ସର୍ବୋତ୍ତମ ସ୍ୱାର୍ଥ (Best Intrest) କୁ ଗୁରୁତ୍ୱ ପ୍ରଦାନ କରିବେ । ପିଲାକୁ ମଝିରେ ମଝିରେ ସାକ୍ଷାତ କରିବା ପାଇଁ ବା ପିଲା ସହିତ ସଂପର୍କ କୁ ଅପ୍ରତିହତ ରଖିବା ପାଇଁ ଅପର ପକ୍ଷକୁ ସୁଯୋଗ

ଦେବେ । ପିଲାର ଉପଯୁକ୍ତ ଭରଣ ପୋଷଣ ବା ସୁପରିଚାଳନା ପାଇଁ ଅଦାଲତ ଅପର ପକ୍ଷକୁ ମଧ୍ୟ ନିର୍ଦ୍ଦେଶ ଦେଇପାରିବେ ।

**ପ୍ରଶ୍ନ - ମନରେ ପ୍ରଶ୍ନ ଉଠେ, ବାଲ୍ୟ ବିବାହ ଅସିଦ୍ଧ ଘୋଷଣା ହେବା ସହିତ ସେହି ବିବାହରୁ ଜନ୍ମିତ ଶିଶୁ ମାନଙ୍କର ବୈଧତା ର ସ୍ଥିତି କ'ଣ ?**

**ଉତ୍ତର** - ବିବାହ ଅସିଦ୍ଧ ଘୋଷଣା ହେଲେ ମଧ୍ୟ ଶିଶୁ ମାନଙ୍କର ସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ବୈଧ - ଧାରା ୬ ।

**ପ୍ରଶ୍ନ -ବାଲ୍ୟ ବିବାହରେ ଚୁକ୍ତିବଦ୍ଧ ପୁରୁଷ ପକ୍ଷ ଯଦି ସାବାଳକ (୧୮ ବର୍ଷରୁ ଉର୍ଦ୍ଧ୍ୱ) ହୋଇଥାଆନ୍ତି ତେବେ ତାଙ୍କ ପ୍ରତି କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ଅଛି କି ?**

**ଉତ୍ତର** - ହଁ, ୨ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାବାସ ଏବଂ ୧ ଲକ୍ଷ ଟଙ୍କାର ଜୋରିମାନା ବା ସ୍ଥଳ ବିଶେଷରେ ଉଭୟ ଦଣ୍ଡ ବ୍ୟବସ୍ଥା ଲାଗୁ ହୋଇ ପାରେ ।

**ପ୍ରଶ୍ନ - ବାଲ୍ୟ ବିବାହ ସଂପାଦନ କରାଇବାରେ ଲିପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତି କୌଣସିଦଣ୍ଡ ବିଧାନର ବ୍ୟବସ୍ଥା ରହିଛି କି ?**

**ଉତ୍ତର** - ଯେ କୌଣସି ବ୍ୟକ୍ତି ବାଲ୍ୟ ବିବାହକୁ ପରିଚାଳନା କରିଥିବେ, ନିର୍ଦ୍ଦେଶନା ଦେଇଥିବେ ବା ସଂପାଦନ କରିଥିବେ ବା ସମର୍ଥନ କରିଥିବେ ସେମାନଙ୍କ ପ୍ରତି ମଧ୍ୟ ୨ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମୂଳକ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି, - ଆଇନ ଧାରା ୧୦

କିନ୍ତୁ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ମହିଳା ମାନଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ ।

**ପ୍ରଶ୍ନ - ବାଲ୍ୟ ବିବାହ ପ୍ରୋତ୍ସାହିତ କରିବା ବା ଘଟାଇବା ପାଇଁ ଅନୁମତି ପ୍ରଦାନ ନିମନ୍ତେ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ଅଛି କି ?**

**ଉତ୍ତର** - ହଁ ଅଛି, ବାପା,ମା ଅଭିଭାବକ, ପରିବାରର ଅନ୍ୟ ସଦସ୍ୟ ସଦସ୍ୟା ବା କୌଣସି ବେସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟା, ଯାହାଙ୍କ ମାରଫତ/ଜିମା ବା ତତ୍ତ୍ୱାବଧାନରେ ନାବାଳକ/ନାବାଳିକା ଜଣକ ରହିଥିବେ ସେମାନେ ଯଦି ଏପରି କାର୍ଯ୍ୟକୁ ପ୍ରୋତ୍ସାହିତ କରିବେ ବା କାହାକୁ ସମ୍ପାଦନ କରିବା ପାଇଁ ଅନୁମତି ପ୍ରଦାନ କରିବେ ବା ନିଜର ଅବହେଳା ଯୋଗୁଁ ବାଲ୍ୟ ବିବାହକୁ ବନ୍ଦ କରିବା ଦିଗରେ ବିଫଳ ହୋଇଥିବେ ତେବେ ସେମାନଙ୍କ ପ୍ରତି ୨ ବର୍ଷ କାରାବାସ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମୂଳକ ଶାସ୍ତି ବିଧାନ କରାଯିବ ।

କିନ୍ତୁ ୨ ବର୍ଷ କାରାବାସ କୌଣସି ମହିଳାଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ । ଧାରା ୧୧ ।

**ପ୍ରଶ୍ନ - କେଉଁ କ୍ଷେତ୍ରରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯାଇ ପାରିବ ?**

**ଉତ୍ତର -** ନିମ୍ନ ଲିଖିତ କ୍ଷେତ୍ରରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯାଇପାରିବ ।

- ପ୍ରଲୋଭନ ଦେଖାଇ ବାପା, ମା ବା ଅଭିଭାବକ ଙ୍କ ପାଖରୁ କନ୍ୟାକୁ ନେଇ ବିବାହ କରାଇଦେଲେ ।
- ବିବାହ ଉଦ୍ଦେଶ୍ୟରେ ବଳ ପୂର୍ବକ ବା ଚତଂକତା କରି ଅନ୍ୟତ୍ର ସ୍ଥାନାନ୍ତାରିତ କରିବା ପାଇଁ ବାଧ କରାଇଲେ ।
- ବିବାହ ଉଦ୍ଦେଶ୍ୟରେ ନାବାଳକ/ନାବାଳିକାକୁ ବିକ୍ରୀ କରିଦେଇଥିଲେ ଏବଂ ପରେ ସେହି ବିବାହକୁ କୌଣସି ଏକ ରୀତିନୀତି ଅନୁସାରେ ଅନୁଷ୍ଠିତ କରାଇଥିଲେ ।
- ନାବାଳକ/ ନାବାଳିକାର ବିବାହ ପରେ ତାକୁ ବିକ୍ରି କରାଇ ଦେଇଥିଲେ ବା ଚାଲାଣ କରାଇଥିଲେ ।
- ନାବାଳକ/ ନାବାଳିକାକୁ ଅନୈତିକ କାର୍ଯ୍ୟରେ ନିୟୋଜିତ କରାଇଥିଲେ ।
- ଏ ସମସ୍ତ କ୍ଷେତ୍ରରେ ଅନୁଷ୍ଠିତ ବିବାହକୁ ସମ୍ପୂର୍ଣ୍ଣ ଭାବେ ଅସିଦ୍ଧ ବା ବେଆଇନ ଘୋଷଣା କରାଯାଇ ପାରିବ - ଧାରା ୧୨ ।

**ପ୍ରଶ୍ନ - ଏମିତି ବି କେତେକ ନଜିର ରହିଛି ଅକ୍ଷୟ ତୃତୀୟା ବା ଅନ୍ୟ କୌଣସି ଧର୍ମୀୟ ସମାଜିକ ପର୍ବପର୍ବାଣୀରେ ମନ୍ଦିର ଏବଂ ଅନ୍ୟ ଦେବାଦେବୀ ପୀଠ ମାନଙ୍କରେ ଗଣ ବିବାହ ଅନୁଷ୍ଠିତ ହୋଇଥାଏ । ସେଥି ମଧ୍ୟରେ ଅନେକ ଥାଆନ୍ତି ନାବାଳକ ବା ନାବାଳିକା । ସେ ପ୍ରକାରର ବାଲ୍ୟ ବିବାହକୁ କିପରି ରୋକାଯାଇ ପାରେ ?**

**ଉତ୍ତର -**ଏପରି କ୍ଷେତ୍ରରେ କିଛି ବ୍ୟକ୍ତି ବିଶେଷ ବା ସ୍ୱେଚ୍ଛା ସେବୀ ଅନୁଷ୍ଠାନର ପ୍ରତିନିଧି ବା ବେସରକାରୀ ଅନୁଷ୍ଠାନର ସଦସ୍ୟ/ ସଦସ୍ୟା ନିକଟରେ ହେବାକୁ ଥିବା ବାଲ୍ୟ ବିବାହ ସମ୍ବନ୍ଧର ବାସ୍ତବ ତଥ୍ୟ ସମ୍ବଳିତ ଅଭିଯୋଗ ଫର୍ଦ୍ଦ -

- ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (Judicial Magistrate , First Class) ଙ୍କ ନିକଟରେ ଦାଖଲ କରିପାରିବେ । (ଧାରା ୧୩ର ଉପଧାରା ୧) ।
- ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀ ଙ୍କ ନିକଟରେ ଲିଖିତ ଭାବରେ ଟେଲିଫୋନ ମାଧ୍ୟମରେ ଜଣାଇ ପାରିବେ ।

- କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (JMFC) ନିଜ ତରଫରୁ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ମାମଲା ଦାଏର କରି ପାରିବେ ।

**ପ୍ରଶ୍ନ -ଏ କ୍ଷେତ୍ରରେ ବାଲ୍ୟ ବିବାହକୁ ରୋକିବା ଦିଗରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କର କିଛି ସ୍ୱତନ୍ତ୍ର ଭୂମିକା ଅଛି କି ?**

**ଉତ୍ତର** -ହଁ, ଗଣ ବାଲ୍ୟ ବିବାହକୁ ବନ୍ଦ କରିବା ନିମନ୍ତେ ଜିଲ୍ଲା ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ।

- ବାଲ୍ୟ ବିବାହ ନିଷେଧ ଅଧିକାରୀ ହିସାବରେ କ୍ଷମତା ଜାହିର୍ କରି ପାରିବେ ।
- ଆବଶ୍ୟକ ସ୍ଥଳେ ପୋଲିସ ର ସହାୟତା ନେଇ ବାଲ୍ୟ ବିବାହକୁ ବନ୍ଦ କରିବା ନିମନ୍ତେ ସମୁଚିତ ପଦକ୍ଷେପ ନେଇ ପାରିବେ । (ଧାରା - ୧୭ ଉପଧାରା -୪) ।

**ପ୍ରଶ୍ନ -ଆମ ଦେଶରେ ଆଇନାନୁମୋଦିତ ବିବାହ କରିବା ପାଇଁ କିଛି ବିଧିବଦ୍ଧ ବ୍ୟବସ୍ଥା ଅଛି କି ?**

**ଉତ୍ତର** - ଅଛି, ତାହା ହେଉଛି ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ ବା ସ୍ପେଶାଲ ମ୍ୟାରେଜ ଆକ୍ଟ (Special Marriage Act 1954 ) ।

ଏହି ଆଇନ ଅନୁସାରେ  ବିବାହ ସମୟକୁ ପୁଅର ବୟସ ୨୧ ବର୍ଷ ଏବଂ ଝିଅର ବୟସ ୧୮ ବର୍ଷ ହୋଇଥିବା ଆବଶ୍ୟକ । ଏହି ଆଇନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ।

**ପ୍ରଶ୍ନ -ଏହାକୁ ବାଦ ଦେଇ ଆମ ଦେଶରେ ବିବାହ ପାଇଁ ଆଉ କୌଣସି ଆଇନ ଅଛି କି ?**

**ଉତ୍ତର** - ଅଛି, ହିନ୍ଦୁ ବିବାହ ଆଇନ ୧୯୫୫ (Hindu Marriage Act 1955) ରୁ ଆମ ଦେଶରେ ବଳବତ୍ତର ଅଛି । ଏହି ଆଇନ ଅନୁସାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଏବଂ ୨୧ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବିବାହ ବନ୍ଧନରେ ବନ୍ଧା ହୋଇପାରିବେ ।

ଆବଶ୍ୟକ ସ୍ଥଳେ ବାଲ୍ୟ ବିବାହରେ ଚୁକ୍ତିବଦ୍ଧ ପକ୍ଷଙ୍କୁ ୨ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ବା ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରିବ ।

ଠିକ୍ ସେହିପରି ମୁସଲମାନ ବ୍ୟକ୍ତିଗତ ଆଇନ(Muslim Personal Law) ଅନୁସାରେ ୧୫ ବର୍ଷର କିଶୋରୀ ଯୌନ ପକ୍ୱତା (Puberty) ହାସଲ କଲା ପରେ ବିବାହ କରି ପାରେ ।

ସାମାଜିକ ରୀତିନୀତି, ଚଳଣୀ ଏବଂ ପରମ୍ପରା ଜନିତ ବାଲ୍ୟ ବିବାହ ପରି ସାମାଜିକ ଅନୁଷ୍ଠାନକୁ ଆମ ଦେଶରେ ଅପରାଧ ବୋଲି ବିବେଚନା କରା ଯାଏନି ।

**ପ୍ରଶ୍ନ -ବାଲ୍ୟ ବିବାହ ନିଷେଧ ଅଧିକାରୀ ଜଣକ କିଏ ?**

**ଉତ୍ତର** – ରାଜ୍ୟ ସରକାର ସରକାରୀ ରାଜ ପତ୍ରରେ ବିଜ୍ଞାପନ ଜାରି କରି ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ନିଯୁକ୍ତି ଦେଇ ପାରିବେ । ଆମ ରାଜ୍ୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (CDPO) ଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରୂପେ ନିଯୁକ୍ତ କରାଯାଇଥାଏ । ପ୍ରତ୍ୟେକ ଅଧିକାରୀ ସରକାରୀ କର୍ମଚାରୀ (Public Servant) ହୋଇଥିବା ବିଧେୟ ।

**ପ୍ରଶ୍ନ – ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର ଦାୟିତ୍ୱ ବା କର୍ତ୍ତବ୍ୟ କ'ଣ ?**

**ଉତ୍ତର** -ସମ୍ଭାବ୍ୟ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରିବେ ।

ଆଇନରେ ଥିବା ବ୍ୟବସ୍ଥା ଗୁଡିକର ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିବିଶେଷ ଙ୍କ ବିରୁଦ୍ଧରେ ଉଚିତ୍ ଦଣ୍ଡବିଧାନ କରିବା ନିମନ୍ତେ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିବେ ।

ବାଲ୍ୟ ବିବାହରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଉପଦେଶ ଦେଇପାରିବେ ଏବଂ ସ୍ଥାନୀୟ ଅଂଚଳର ବାସିନ୍ଦା ମାନଙ୍କୁ କୌଣସି ପରିସ୍ଥିତିରେ ବାଲ୍ୟ ବିବାହରେ ଜଡିତ ନହେବା ପାଇଁ ପରାମର୍ଶ ହୋଇ ପାରିବେ ।

ବାଲ୍ୟ ବିବାହ ବିରୁଦ୍ଧରେ ପିତା ମାତା ଅଭିଭାବକ ବା ବିବାହରେ ଚୁକ୍ତି ବଦ୍ଧ ନାବାଳକ/ ନାବାଳିକା କୁ ନେଇ ଅଦାଲତରେ ଅଭିଯୋଗ ଦାଖଲ କରିପାରିବେ ।

ମନ୍ଦିର, ଦେବାଦେବୀ ପୀଠ ବା ସାଧାରଣ ସ୍ଥାନରେ ଅନୁଷ୍ଠିତ ହୋଇଥିବା ବାଲ୍ୟ ବିବାହ ବିରୁଦ୍ଧରେ ଜନ ସାଧାରଣଙ୍କୁ ସଚେତନ କରାଇବେ । ବାଲ୍ୟ ବିବାହ ଜନିତ ଅପକାର ସମ୍ବନ୍ଧରେ ସ୍ଥାନୀୟ ଗୋଷ୍ଠୀ କୁ ପରାମର୍ଶ ଦେଇପାରିବେ ।

**ପ୍ରଶ୍ନ – ଆମ ଦେଶରେ ବାଲ୍ୟ ବିବାହକୁ ନିୟନ୍ତ୍ରଣ କରିବା ପାଇଁ ଆଗରୁ କିଛି ଆଇନ ଥିଲା କି ?**

**ଉତ୍ତର** -ହଁ ଥିଲା, ତାର ନାମ ଥିଲା ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ ୧୯୨୯ । ଏହି ଆଇନ ସମୟ କ୍ରମେ ୧୯୪୯, ୧୯୭୮, ରେ ସଂଶୋଧିତ ହୋଇଛି ।

ଉକ୍ତ ଆଇନରେ ସ୍ଥାନିତ ପ୍ରାବଧାନ ଗୁଡିକ ବାଲ୍ୟ ବିବାହକୁ ରୋକିବା ଦିଗରେ ପର୍ଯ୍ୟାପ୍ତ ନ ହେବାରୁ ଏହି ଆଇନକୁ ପ୍ରତ୍ୟାହାର କରି ନିଆଯାଇ ୨୦୦୬ ମସିହାରେ ବାଲ୍ୟ ବିବାହ ନିଷେଧ ଆଇନ ପ୍ରଣୟନ

କରାଯାଇଛି । ଏହି ଅଧିନିୟମ ଅନୁସାରେ ବାଲ୍ୟ ବିବାହକୁ ସଂପାଦନ କରିବା ନିମନ୍ତେ ଦଣ୍ଡ ବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ସାମାଜିକ ରୀତିନୀତି ମାଧ୍ୟମରେ ଅନୁଷ୍ଠିତ ହୋଇସାରି ଥିବା ବିବାହକୁ ଅବୈଧ କିମ୍ବା ବେଆଇନ ଘୋଷଣା କରାଯାଇନାହିଁ ।

ଆମ ଦେଶରେ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬, ୧୧. ୧ଜାନୁୟାରୀ ୨୦୦୭ ଠାରୁ ବଳବତ୍ତର ରହିଛି ।

**ପ୍ରଶ୍ନ -ଏହି ଆଇନକୁ ଆଧାର କରି ରାଜ୍ୟ ନିୟମାବଳୀ ଗଠନ କରାଯାଇଛି କି ?**

**ଉତ୍ତର** - ହଁ, ସେପ୍ଟେମ୍ବର ୧୯, ୨୦୦୯ ରୁ ଆମ ରାଜ୍ୟ ରେ ନିୟମାବଳୀ ଲାଗୁ ହୋଇଛି ?

**ପ୍ରଶ୍ନ -ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ କ'ଣ ?**

**ଉତ୍ତର** -ବାଲ୍ୟ ବିବାହ ଅନୁଷ୍ଠିତ ହୋଇଥିବା ସମ୍ବନ୍ଧରେ ମୌଖିକ, ଲିଖିତ, ଟେଲିଫୋନ, ଟେଲିଗ୍ରାଫ, ଚିଠି, ଇ  ମେଲ୍ ବା ଖବର କାଗଜ ରେ ପ୍ରକାଶିତ ସମ୍ବାଦରୁ ତଥ୍ୟ ସଂଗ୍ରହ କରି ପଦକ୍ଷେପ ଗ୍ରହଣ କରି ପାରିବେ । ରାଜ୍ୟ ନିୟମାବଳୀ ୭(କ) ।

- ବାଲ୍ୟ ବିବାହ ଅନୁଷ୍ଠାନ ସମ୍ବନ୍ଧରେ ପରିସଂଖ୍ୟାନ ଆଧାରିତ ତ୍ରୈମାସିକ ବିବରଣୀ ମୁଖ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।
- ଆବେଦନକାରୀ ନାବାଳକ/ ନାବାଳିକାଙ୍କ ତରଫରୁ ଜିଲ୍ଲା ଜଜଙ୍କର ଅଦାଲତ/ ପରିବାର ଅଦାଲତରେ ବାଲ୍ୟ ବିବାହକୁ ରଦ୍ଦ/ବାତିଲ କରିବା ପାଇଁ ଅଭିଯୋଗ ଫର୍ଦ୍ଦ ଦାଖଲ କରିବେ ।

**ପ୍ରଶ୍ନ -ମୁଖ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ କେଉଁ ପଦ୍ଧତି ଆବଶ୍ୟକ ?**

**ଉତ୍ତର** -ରାଜ୍ୟ ସରକାର ସରକାରୀ ରାଜପତ୍ରରେ ବିଜ୍ଞାପନ ମାଧ୍ୟମରେ ମହିଳା ଓ ଶିଶୁ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟ ବାଲ୍ୟବିବାହ ନିଷେଧ ଅଧିକାରୀ ରୂପେ ନିଯୁକ୍ତି ଦେଇପାରିବେ - ନିୟମାବଳୀ ୪(୫) ।

**ପ୍ରଶ୍ନ -ମୁଖ୍ୟ ବାଲ୍ୟ ବିବାହ ଅଧିକାରୀଙ୍କ ମୌଳିକ ଦାୟିତ୍ୱ ଗୁଡିକ କ'ଣ ?**

**ଉତ୍ତର** - ସାରା ରାଜ୍ୟରେ ବାଲ୍ୟ ବିବାହ ଜନିତ ପ୍ରତ୍ୟେକ କାର୍ଯ୍ୟକୁ ପରିଚାଳନା ଏବଂ ସଂଯୋଜନା କରିବେ ୪(୧) ।

- ସାରା ରାଜ୍ୟରେ ନିଯୁକ୍ତ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କର କାର୍ଯ୍ୟାବଳୀକୁ ସଂଯୋଗୀ କରଣ କରିବେ ଏବଂ ରାଜ୍ୟରେ ବାଲ୍ୟ ବିବାହ ନିଷେଧ ଆଇନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଦାୟବଦ୍ଧ ରହିବେ  ୪(୨) ।

- ମୁଖ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀ ବାଲ୍ୟ ବିବାହ ନିଷେଧ ଆଇନ ର କାର୍ଯ୍ୟକ୍ରମ ର ଅଗ୍ରଗତି ତଥା ତତ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବାର୍ଷିକ ବିବରଣୀ ଏବଂ ପରିସଂଖ୍ୟାନ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରବେ ୪(୭) ।
- ଆଇନରେ ସ୍ଥାନିତ ପ୍ରାବଧାନ ଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ ତଦାରଖ କରିବା ସହିତ ମୁଖ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀ ନିମ୍ନମତେ କର୍ତ୍ତବ୍ୟ ପାଳନ କରିବେ ।
- ଆଇନ ଏବଂ ଆଇନ ସମ୍ବନ୍ଧୀୟ ନିୟମାବଳୀ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ବାଲ୍ୟ ବିବାହ ନିଷେଧ ଅଧିକାରୀ ମାନଙ୍କୁ ନିୟନ୍ତ୍ରଣ କରିବେ, ନିର୍ଦ୍ଦେଶ ଦେଇ ପାରିବେ ଏବଂ ପରିଚାଳନା କରିପାରିବେ (କ) ।
- ସାରା ରାଜ୍ୟରେ କାର୍ଯ୍ୟରତ ବାଲ୍ୟବିବାହ ନିଷେଧ ଅଧିକାରୀ ମାନଙ୍କର କାର୍ଯ୍ୟକୁ ସମୀକ୍ଷା କରିବେ । (ଗ)
- ସାରା ରାଜ୍ୟରେ ବାଲ୍ୟ ବିବାହ ସ୍ଥିତି ସମ୍ବନ୍ଧରେ ସରକାରଙ୍କ ନିକଟରେ ବିସ୍ତୃତ ବିବରଣୀ ଦାଖଲ କରିବେ ।
- ସାଧାରଣ ଜନ ଗୋଷ୍ଠୀଙ୍କୁ ସଚେତନ କରାଇବା ନିମନ୍ତେ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ । ସଂପୃକ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରିବେ । ୪(ଘ)
- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହିପରି ଅନ୍ୟ ଦାୟିତ୍ୱ ଗୁଡ଼ିକୁ ମଧ୍ୟ ନିର୍ବାହ କରିବେ । ୪(ଙ)
- ବାଲ୍ୟ ବିବାହକୁ ନିଷେଧ କରିବା ପାଇଁ ବାର୍ଷିକ ନୀତି ନିର୍ଦ୍ଧାରଣ ବା ସମୀକ୍ଷା ବୈଠକ ଡକାଇବେ ।
- ଓଡିଆ ଏବଂ ଇଂରାଜୀ ଭାଷାରେ ଆଇନ ଏବଂ ନିୟମାବଳୀ କୁ ପ୍ରକାଶ ଏବଂ ପ୍ରସାର କରାଇବେ ।

**ପ୍ରଶ୍ନ -ଏହି ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ସ୍ତରରେ ସଂଯୋଗକାରୀ (ନୋଡାଲ ଅଫିସର) ଅଧିକାରୀ କିଏ ?**

**ଉତ୍ତର** - ଜିଲ୍ଲା ସ୍ତରରେ ଏହି ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲାପାଳ ହେଉଛନ୍ତି ସଂଯୋଜନ ଅଧିକାରୀ (ନୋଡାଲ ଅଫିସର) । (୧)

- ଜିଲ୍ଲା ସ୍ତରରେ ଏହି ଆଇନର ସଫଳ ରୂପାୟନ ପାଇଁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ଏବଂ ସମୟାନ୍ତରରେ କାର୍ଯ୍ୟକ୍ରମର ସମୀକ୍ଷା କରାଇବେ ।

**ପ୍ରଶ୍ନ - ବାଲ୍ୟ ବିବାହ ଅନୁଷ୍ଠାନ ସଂପର୍କିତ ଘଟଣାବଳୀ ସମ୍ବନ୍ଧରେ ଅନୁସନ୍ଧାନ/ ତଦନ୍ତ କରିବା ପାଇଁ କିଛି ପଦ୍ଧତି ନିର୍ଦ୍ଧାରିତ ହୋଇଛି କି ?**

**ଉତ୍ତର** -ହଁ, ଏଥିପାଇଁ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି । କୌଣସି ସ୍ଥାନରେ ବାଲ୍ୟ ବିବାହ ଅନୁଷ୍ଠିତ ହେଉଥିଲେ ବା ହେବାକୁ ଯାଉଥିଲେ ସେ ସମ୍ବନ୍ଧରେ ଅଭିଯୋଗ ବା ତଥ୍ୟ ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନିକଟରେ ମୌଖିକ, ଲିଖିତ, ଟେଲିଫୋନ ବା ଇ-ମେଲ୍ ମାଧ୍ୟମରେ ଦାଖଲ କରାଯାଇପାରିବ । ନିୟମାବଳୀ ୬(୧) ।

ଏପରି ତଥ୍ୟ ହସ୍ତଗତ ହେଲା ପରେ ବାଲ୍ୟ ବିବାହ ନିଷେଧ ଅଧିକାରୀ ଏହାକୁ ଫର୍ମ- ୨ (Form II) ରେ ଲିପିବଦ୍ଧ କରାଇବେ ଏବଂ ଅନୁସନ୍ଧାନ ପ୍ରକ୍ରିୟା ଆରମ୍ଭ କରିବେ । ନିୟମାବଳୀ ୬ (୧) ।

ତଦନ୍ତ କରିବା ପାଇଁ ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀ ଜଣେ ପୋଲିସ ଅଫିସରର କ୍ଷମତା ହାସଲ କରିବା ଏକାନ୍ତ ଜରୁରୀ । ଏହି କ୍ଷମତା ବଳରେ ସେ ପକ୍ଷ ଏବଂ ସାକ୍ଷୀ ମାନଙ୍କୁ ଡକାଇ ପାରିବେ । ସେମାନଙ୍କର ଜବାବକୁ ଲିପିବଦ୍ଧ କରିପାରିବେ । ନିୟମାବଳୀ ୬(୩) ।

ସ୍ଥାନୀୟ ପୋଲିସ ଥାନାର ଅଧିକାରୀ ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ତାଙ୍କର କର୍ତ୍ତବ୍ୟ ସଂପାଦନ ଦିଗରେ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବେ । ନିୟମାବଳୀ ୬(୪) ।

ପ୍ରତ୍ୟେକ ବାଲ୍ୟ ବିବାହ ନିଷେଧ ଅଧିକାରୀ ନିଜର ତଦନ୍ତ ବିବରଣୀ ସହିତ ନିର୍ଦ୍ଧାରିତ ଫର୍ମ -୩ (Form - III) ଅନୁସାରେ ତଥ୍ୟ ଲିପିବଦ୍ଧ ପୂର୍ବକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (JMFC) ବା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (CJM) ଙ୍କ ନିକଟରେ ନିଜର ତଦନ୍ତ ବିବରଣୀ ଦାଖଲ କରିବେ । ନିୟମାବଳୀ ୬(୫) ।

**ପ୍ରଶ୍ନ -ବାଲ୍ୟ ବିବାହରେ ଅଭିଯୁକ୍ତ କୌଣସି ପକ୍ଷ ଯଦି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଚାହାଁନ୍ତି ତେବେ ସେ କି ଉପାୟ ଅବଲମ୍ବନ କରିପାରିବେ ?**

**ଉତ୍ତର** -ବାଲ୍ୟ ବିବାହ ରେ ଅଭିଯୁକ୍ତ କୌଣସି ପକ୍ଷ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଚାହିଁଲେ ଅଦାଲତଙ୍କ ସନ୍ତୋଷ ଭାଜନ ହେବା ପରି ତଥ୍ୟ ଭିତ୍ତିକ ଦଲିଲ ଦାଖଲ କରି ପାରିବେ । ଯେଉଁ ଦଲିଲ ପ୍ରମାଣ କରୁଥିବ କି ସଂପୃକ୍ତ ବିବାହ ଅନୁଷ୍ଠାନରେ ଚୁକ୍ତିବଦ୍ଧ ହୋଇଥିବା କୌଣସି ଗୋଟିଏ ପକ୍ଷବି ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଧାରା ୨ ର ଉପଧାରା ଅଧୀନରେ ସଂଜ୍ଞାୟିତ ହୋଇଥିବା ନାବାଳକ ବା ନାବାଳିକା ନୁହଁନ୍ତି ।

**ପ୍ରଶ୍ନ -ବାଲ୍ୟ ବିବାହ ଅନୁଷ୍ଠିତ ହେବା କଥା ଜାଣିବାକୁ ପାଇଲେ ପ୍ରଥମେ କାହାକୁ ଜଣାଇବାକୁ ପଡିବ ?**

**ଉତ୍ତର** - ନିଜର ନାମ କିମ୍ବା ଠିକଣା ଗୋପନ ରଖି ସ୍ଥାନୀୟ ପୋଲିସ ଥାନା କୁ ଟେଲି ଫୋନ ମାଧ୍ୟମରେ ଜଣାଇ ପାରିବେ । ନଚେତ୍ ଚାଇଲ୍ଡଲାଇନ କୁ ୧୦୯୮ ଟେଲିଫୋନ ମାଧ୍ୟମରେ ଜଣାଇ ପାରିବେ ।

- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କୁ ଜଣାଇ ପାରିବେ ।
- ସ୍ପେସାଲ ଜୁଭିନାଇଲ ପୋଲିସ ୟୁନିଟ୍ ଙ୍କୁ ଜଣାଇ ପାରିବେ ।
- ଜିଲ୍ଲା ଶିଶୁ ମଙ୍ଗଳ ସମିତି ଙ୍କୁ ଜଣାଇପାରିବେ ।
- ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା କମିଟି, ସରପଞ୍ଚ, ୱାର୍ଡ ମେମ୍ବର ଙ୍କୁ ମଧ୍ୟ ଜଣାଇ ପାରିବେ ।

**ପ୍ରଶ୍ନ -କୌଣସି ଦେବାଦେବୀ ପୀଠରେ ବିବାହ ଅନୁଷ୍ଠିତ ହେଉଥିଲେ ତାହାକୁ କିପରି ବନ୍ଦ କରିହେବ ?**

**ଉତ୍ତର** - ସଂପୃକ୍ତ ଦେବାଦେବୀ ପୀଠର ଠିକଣା ଜାଣିଥିଲେ ସେଠାକୁ ଯାଇ ଦେବା ଦେବୀ ପୀଠର ମହନ୍ତ, ପୁରୋହିତ ବା କର୍ତ୍ତୃପକ୍ଷଙ୍କୁ ଆଇନରେ ଥିବା ବ୍ୟବସ୍ଥା ସଂପର୍କରେ ଅବଗତ କରାଇବାକୁ ପଡିବ ।

- ବାଲ୍ୟ ବିବାହର ସଂପୃକ୍ତି ଯୋଗୁଁ ଦଣ୍ଡ ବିଧାନ ସମ୍ବନ୍ଧରେ ସତର୍କ କରାଇବାକୁ ହେବ ।
- ବାଲ୍ୟ ବିବାହ ନିଷେଧ ଅଧିକାରୀ ବା ଜିଲ୍ଲାପାଳଙ୍କୁ ବିବାହ ବନ୍ଦ କରିବା ପାଇଁ ଅନୁରୋଧ କରାଯିବ ।
- ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗ୍ରାମ ସ୍ତରରେ ତଦାରଖ କରିବାକୁ ହେବ ଏବଂ ସଚେତନତା କାର୍ଯ୍ୟକ୍ରମ କୁ ନିରନ୍ତର ଜାରିରଖିବାକୁ ହେବ ।

**ପ୍ରଶ୍ନ -ଓଡିଶାରେ ବାଲ୍ୟ ବିବାହକୁ ନିଷେଦ୍ଧ କରିବା ପାଇଁ ରାଜ୍ୟ ନିୟମାବଳୀ (State Rule) ପ୍ରଣୟନ ହୋଇଛି କି ?**

**ଉତ୍ତର** -ହଁ, ହୋଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ୨୦୦୯ ମସିହା ସେପ୍ଟେମ୍ବର ମାସ ୯ ତାରିଖରେ ସରକାରୀ ରାଜପତ୍ରରେ ରାଜ୍ୟ ନିୟମାବଳୀ କୁ ବିଜ୍ଞାପିତ କରାଯାଇଅଛି । ଏହି ନିୟମାବଳୀର ନାମ ହେଉଛି ଓଡିଶା ବାଲ୍ୟ ବିବାହ ନିଷେଧ ନିୟମାବଳୀ ୨୦୦୯ ।

**ପ୍ରଶ୍ନ – କେଉଁ ଅଦାଲତ (କୋର୍ଟରେ) ରେ ବାଲ୍ୟ ବିବାହ ଜନିତ ଆବେଦନ ଦାଖଲ ହୋଇଥାଏ ?**

**ଉତ୍ତର** –ବାଲ୍ୟ ବିବାହକୁ ଅସିଦ୍ଧ କରିବା ପାଇଁ ହେଲେ,

- ଭରଣ ପୋଷଣ ବା ବାସସ୍ଥାନ ନିମନ୍ତେ ମଧ୍ୟବର୍ତ୍ତୀ ବା ଚୂଡାନ୍ତ ନିର୍ଦ୍ଦେଶ ହାସଲ କରିବାକୁ ହେଲେ,
- ପିଲା ମାନଙ୍କର ଜିମା ନେବା ବା ସେମାନଙ୍କର ଭରଣ ପୋଷଣ ପାଇଁ ନିର୍ଦ୍ଦେଶ ନାମା ପାଇବାକୁ ହେଲେ ପରିବାର ଅଦାଲତ (Family Court) ରେ ଆବେଦନ କରିବା କୁ ପଡିବ । ଧାରା (୮) ।

**ପ୍ରଶ୍ନ – ପରିବାର ଅଦାଲତରେ ବାଲ୍ୟ ବିବାହ ଜନିତ ଆବେଦନ ଦାଖଲ କରିବା ପାଇଁ କିଛି ସର୍ତ୍ତ ଅଛି କି ?**

**ଉତ୍ତର** – ହଁ,ଅଛି । ବାଲ୍ୟ ବିବାହରେ ପକ୍ଷଭୁକ୍ତ ଆବେଦନକାରୀ କିଶୋରୀ ବା ତାଙ୍କର ପ୍ରତିପକ୍ଷଙ୍କର ବିବାହ ସଂପୃକ୍ତ ପରିବାର ଅଦାଲତର କ୍ଷମତା ପରିସର ମଧ୍ୟରେ ସମ୍ପନ୍ନ ହୋଇଥିବ ।

- ଉଭୟ ପକ୍ଷ ଶେଷ ଥର ପାଇଁ ସେହି ଅଦାଲତର କ୍ଷମତାଧୀନ ଅଂଚଳରେ ଏକତ୍ର ରହିଥିବେ ।
- ଆବେଦନ କାରୀ ଆବେଦନ ଦାଖଲ ସମୟରେ ସେହି ଅଂଚଳରେ ରହୁଥିବେ । ଧାରା (୮) ।

**ପ୍ରଶ୍ନ –ବାଲ୍ୟ ବିବାହକୁ ବନ୍ଦ କରିବା ନିମନ୍ତେ କିଛି ସମ୍ଭାବ୍ୟ ପଦକ୍ଷେପ ନେଇ ହେବ କି ?**

**ଉତ୍ତର** – ହଁ,ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାହିଁଲେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରି ପାରିବେ ।

**ପ୍ରଶ୍ନ – ସେହି ପଦକ୍ଷେପ ଗୁଡିକ କ'ଣ ହୋଇ ପାରେ ?**

**ଉତ୍ତର** – ୨ ୦ ୦ ୬ ଆଇନର ବ୍ୟାପକ ପରିବର୍ତ୍ତନ ଏବଂ ସଂଶୋଧନ ଆବଶ୍ୟକ ।

- ପ୍ରତ୍ୟେକ ବିବାହକୁ ପଞ୍ଜିକରଣ କରିବା ପାଇଁ ସୁପ୍ରିମକୋର୍ଟଙ୍କର ପରାମର୍ଶକୁ କାର୍ଯ୍ୟକାରୀ କରାଇବା ଏକାନ୍ତ ଜରୁରୀ ।
- ଲିଙ୍ଗ ନ୍ୟାୟ ଭିତ୍ତିରେ ବିବାହରେ ଚୁକ୍ତିବଦ୍ଧ ଉଭୟ ପକ୍ଷଙ୍କ ବୟସ ୧ ୮ ହେବା ଉଚିତ୍ ।
- ପ୍ରଚଳିତ ଆଇନ ୨ ୦ ୦ ୬ ରେ ଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧନ କରିବା ବିଧେୟ ।

- ଆମ ଦେଶରେ ପ୍ରଚଳିତ ସ୍ୱତନ୍ତ୍ର ବିବାହ ଆଇନ ୨୦୦୬ କୁ ଅନ୍ୟ ବ୍ୟକ୍ତି ଗତ ଆଇନ (Personal Act)କୁ ଅତିକ୍ରମଣ କ୍ଷମତା ପ୍ରଦାନ କରାଯାଉ ।

**ପ୍ରଶ୍ନ -ବାଲ୍ୟ ବିବାହ ସାଧାରଣତଃ କେଉଁ ସାମାଜିକ ଅର୍ଥନୈତିକ ଶ୍ରେଣୀରେ ପରିଦୃଷ୍ଟ ହୋଇଥାଏ ?**

**ଉତ୍ତର** -ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା, ପଛୁଆବର୍ଗ, ସାମାଜିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀ, ତଫସିଲଭୁକ୍ତ ଜାତି, ଜନଜାତି ସଂପ୍ରଦାୟ, ସଂଖ୍ୟାଲଘୁ ଗୋଷ୍ଠୀ ଏବଂ ନିରକ୍ଷର ମାନଙ୍କ ମଧ୍ୟରେ ବାଲ୍ୟ ବିବାହ ବହୁଳ ପରିମାଣରେ ପରିଦୃଷ୍ଟ ହୋଇଥାଏ । ବିଶେଷ କରି ଗ୍ରାମାଂଚଳରେ ବାଲ୍ୟ ବିବାହର ସଂଖ୍ୟା ତୁଳନାତ୍ମକ ଭାବେ ବେଶୀ ।

**ପ୍ରଶ୍ନ -ବାଲ୍ୟ ବିବାହ ର ପ୍ରମୁଖ କାରଣ ଗୁଡିକ କ'ଣ ହୋଇପାରେ ?**

**ଉତ୍ତର** - ଦାରିଦ୍ର୍ୟ, ନିରକ୍ଷରତା, ଅଜ୍ଞତା, ପିତାମାତାଙ୍କର ଦାରୁଣ ଅସହାୟତା, କନ୍ୟା ସନ୍ତାନ ପ୍ରତି ବିମୁଖତା, ଯୌତୁକ ଦାଉରୁ ରକ୍ଷା ପାଇବାର ମାନସିକତା ଇତ୍ୟାଦି ବାଲ୍ୟ ବିବାହର ପ୍ରମୁଖ କାରଣ ହୋଇପାରେ ।

**ପ୍ରଶ୍ନ -ବାଲ୍ୟ ବିବାହର କୁପରିଣାମ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଅଛି କି ?**

**ଉତ୍ତର** - ହଁ ଅଛି, ବାଲ୍ୟ ବିବାହର କୁପରିଣାମ ସମ୍ବନ୍ଧରେ ବହୁତ ତଥ୍ୟ ମହଜୁଦ୍ ଅଛି ।

- ବାଲ୍ୟ ବିବାହ ଶିଶୁର ମୌଳିକ ଅଧିକାର ଗୁଡିକୁ ସମ୍ପୂର୍ଣ୍ଣ ଭାବରେ କ୍ଷୁର୍ଣ୍ଣ କରିଥାଏ ।
- ବାଲ୍ୟ ବିବାହ ଦ୍ୱାରା ମାତୃ ଏବଂ ଶିଶୁ ମୃତ୍ୟୁ ହାର ବୃଦ୍ଧି ପାଇଥାଏ ।
- "କନିଆଁ ଦଶା ବର ଚାଳିଶା" ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲେ ଖୁବ୍ କମ୍ ବୟସରୁ କନ୍ୟାଟି ବିଧବା ହୋଇଯାଇଥାଏ ।
- ଅପରିପକ୍ୱ ବୟସରେ ଗର୍ଭଧାରଣ ଯୋଗୁଁ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ ।
- ବାଲ୍ୟ ବିବାହ ଯୋଗୁଁ ଶିଶୁ/ଶିଶୁମାନେ ମାନସିକ, ଶାରୀରିକ ତଥା ଆବେଗିକ ଅନଗ୍ରସରତା/ ଅପରିପକ୍ୱତାର ଶିକାର ହୋଇଥାଆନ୍ତି ।
- କମ୍ ବୟସରେ ବିବାହ ଯୋଗୁଁ ସହଳ ବାର୍ଦ୍ଧକ୍ୟର ଶିକାର ହୋଇଥାଆନ୍ତି ।

- ନିଜର ଶିକ୍ଷାଗତ ଅପାରଗତା ଯୋଗୁଁ ନିଜ ସନ୍ତାନ ସନ୍ତତି ମାନଙ୍କୁ ଉଚିତ୍ ମାର୍ଗରେ ନେଇ ପାରନ୍ତି ନାହିଁ ।
- ଅଜ୍ଞତା ଯୋଗୁଁ ଖୁବ୍ ସହଜରେ ଶଠତା ଏବଂ ପ୍ରତାରଣାର ଶିକାର ହୋଇଥାଆନ୍ତି ।
- ମୃତ୍ୟୁ ପର୍ଯ୍ୟନ୍ତ ନିର୍ଭରଶୀଳ ଜୀବନ କଟାଇ ଥାଆନ୍ତି ।
- ଯେହେତୁ ପାଠ ପଢି ନଥାନ୍ତି ବା କମ୍ ପଢିଥାନ୍ତି ପରିବାରରେ କୌଣସି ନିଷ୍ପତ୍ତି ମୂଳକ ଆଲୋଚନାରେ ଭାଗ ନେଇ ପାରନ୍ତି ନାହିଁ ।
- ବିଦ୍ୟା ହୀନତା ଯୋଗୁଁ ସମସ୍ତ ପ୍ରକାରର କୁସଂସ୍କାର, ଅନ୍ଧବିଶ୍ୱାସର ଶୀକାର ହୋଇଥାଆନ୍ତି ।
- ନିଜ ପ୍ରତି ହେଉଥିବା ଅନ୍ୟାୟ, ଅବିଚାର ଏବଂ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦକିମ୍ବା ପ୍ରତିରୋଧ କରି ପାରନ୍ତି ନାହିଁ ।

**ପ୍ରଶ୍ନ -ବାଲ୍ୟ ବିବାହ ଯୋଗୁଁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଶିଶୁଟିକୁ ଉଦ୍ଧାର କରିବା, ସୁରକ୍ଷା ଯୋଗାଇ ଦେବା, ଆଶ୍ରୟ ପ୍ରଦାନ କରିବା ବା ଥଇଥାନ କରିବା ଦିଗରେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିଛି କି ?**

**ଉତ୍ତର** -ହଁ ରହିଛି, ବାଲ୍ୟ ବିବାହ କରିଥିବା ଯୋଗୁଁ ସମ୍ପୃକ୍ତ ନାବାଳିକାଟି ଯଦି କୌଣସି ପରିସ୍ଥିତିରେ ପରିବାର ଠାରୁ ବିଛିନ୍ନ ହୋଇପଡେ ବା ଶାଶୁଘର ବା ବାପଘର ପରିବାରର ଲୋକମାନେ ତାକୁ ଗ୍ରହଣ କରନ୍ତି ନାହିଁ ସେପରି ସ୍ଥଳେ ନାବାଳିକାଟି କୌଣସି ସଂପର୍କୀୟଙ୍କ ଜରିଆରେ ବା ବନ୍ଧୁଙ୍କ ଜରିଆରେ ବା ପଡୋଶୀଙ୍କ ମାଧ୍ୟମରେ ନିମ୍ନ ଲିଖିତ ସଂସ୍ଥା ମାନଙ୍କର ସାହାଯ୍ୟ ନେଇ ପାରିବ ।

(୧) ସ୍ଥାନୀୟ ପୋଲିସ ଥାନା

(୨) ଜୁଭେନାଇଲ ପୋଲିସ ୟୁନିଟ୍

(୩) ଚାଇଲ୍ଡଲାଇନ- ୧୦୯୮

(୪) ଜିଲ୍ଲା ଶିଶୁ ମଙ୍ଗଳ ସମିତି

(୫) ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ

(୬) ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ

(୭) ଜିଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରୀ

(୮) ଜିଲ୍ଲାପାଳ

ଉପରଲିଖିତ ଅଧିକାରୀ ମାନେ ଅଭିଯୋଗ ପାଇଲା ମାତ୍ରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାୟବଦ୍ଧ ରହିବେ । ଏଠାରେ ଉଲ୍ଲେଖନୀୟ ଯେ ଆମ ଦେଶରେ ପ୍ରଚଳିତ କିଶୋର ନ୍ୟାୟ ଆଇନ ୨୦୧୫ (Juvenile Justic Care and Protection Of childrens Act 2015) ବଳରେ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିବା ନାବାଳକ/ ନାବାଳିକା ମାନଙ୍କୁ ଆବଶ୍ୟକୀୟ ସେବା ଉପଲବ୍ଧ ହୋଇପାରିବ ।

ପିଲାମାନେ ଯଦି ଅସୁବିଧାର ସମ୍ମୁଖୀନ ହୁଅ,
ତେବେ ଆୟୋଗର ଏହି ଶୁଳ୍କବିହୀନ ନମ୍ବରକୁ ଫୋନ କର ।



ଶୁଳ୍କବିହୀନ ନମ୍ବର

# 1800-345-4494

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଦ୍ୱାରା ଶିଶୁମାନଙ୍କ ହିତରେ ପ୍ରସାରିତ ।


ଯୋଗାଯୋଗ :
ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓ.ଏସ୍.ସି.ପି.ସି.ଆର୍.)
ଘର ନଂ-୧, ଟାଇପ୍-ଏ, ୟୁନିଟ୍-୫, ଭୁବନେଶ୍ୱର- ୭୫୧୦୦୧
ଦୂରଭାଷ : ୦୬୭୪-୨୩୯୪୦୪୧, ଫାକ୍ସ : ୦୬୭୪-୨୩୯୪୦୪୩
ଇ-ମେଲ୍ : OSCPCR2012@gmail.com


**STUDENT HELP LINE NO. : 1800-356-6722**
**CHILD LINE NO. : 1098**